BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ - ଅଗଷ୍ଟ ୨୦୨୪
Vol. No. 02 | Issue No. 04 | July - August 2024
Refereed Peer-Reviewed Journal
BM2024/04-A001
https://bageesha.in
OPEN ACCESS

# 'କାଳି-ଦମନ' ନାଟ ଓ 'କାଳୀୟ ଦଳନ' ନାଟକର ତୁଳନାତ୍ମକ ବିଚାର

■ ଡ. ପ୍ରମିଳା ପାଟୁଳିଆ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,
ଶାନ୍ତିନିକେତନ, ପଶ୍ଚିମବଙ୍ଗ

Article Received : 07.03.2024 | Accepted : 25.08.2024 | Published : 25.09.2024

**ସାରାଂଶ**

ABSTRACT

'କାଳି ଦମନ' ନାଟକର ରଚୟିତା ଆସାମର ବୈଷ୍ଣବ ଗୁରୁ ଶଙ୍କରଦେବ ( ୧୪୪୯ - ୧୫୬୮) ଓ ଏହାର ପ୍ରଥମ ପ୍ରକାଶକାଳ ୧୪୯୦। ସେହିପରି ଓଡ଼ିଶାର ଜାତୀୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଲେଖକ ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩) 'କାଳୀୟ ଦଳନ' ନାଟକର ରଚୟିତା। ନାଟ୍ୟକାରଙ୍କ ନାଟକ ଗୁଡ଼ିକ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ। କାଳି ଦମନ ନାଟକରେ ଶ୍ରୀକୃଷ୍ଣ ଏକ ହଜାର ଫଣାଯୁକ୍ତ ଦୁର୍ଦ୍ଦାନ୍ତ କାଳି ସର୍ପକୁ ଦମନ କରିଛନ୍ତି। ମାତ୍ର କାଳୀୟ ଦଳନ ନାଟକରେ ଶ୍ରୀକୃଷ୍ଣ ସାତ ଫଣାଯୁକ୍ତ କାଳି ସର୍ପ ନାଗକୁ ଦଳନ କରିଛନ୍ତି । ଉଭୟ ନାଟ୍ୟକୃତିରେ କୃଷ୍ଣଙ୍କ ପ୍ରେମ ଓ ଭକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ସାମାଜିକ ଜୀବନରେ ଭକ୍ତିଭାବର ପ୍ରଚାର ପ୍ରସାର କରାଯାଇଛି।

ମୂଳଶବ୍ଦ: କାଳି ଦମନ, ନାଟକ, କାଳୀୟ ଦଳନ, କାଳି ଦମନ ଯାତ୍ରା, ପୌରାଣିକ ନାଟକ, ତୁଳନାତ୍ମକ ବିଚାର

ଆସାମର ବୈଷ୍ଣବ ଗୁରୁ ହେଉଛନ୍ତି ଶଙ୍କରଦେବ (୧୪୪୯-୧୫୬୮)। ତାଙ୍କ ରଚିତ 'କାଳି-ଦମନ' ଏକ ପୌରାଣିକ ନାଟକ ଏହାର ପ୍ରଥମ ପ୍ରକାଶକାଳ ୧୪୯୦ ଖ୍ରୀଷ୍ଟାବ୍ଦ ଏବଂ ଏହା 'ଅଙ୍କିୟା ନାଟ'ର ଅନ୍ତର୍ଭୁକ୍ତ। ସେହିପରି ଓଡ଼ିଶାର ଜାତୀୟସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଲେଖକ ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩) ହେଉଛନ୍ତି 'କାଳୀୟ ଦଳନ' ପୌରାଣିକ ନାଟକର ରଚୟିତା। ଏହାର ପ୍ରଥମ ପ୍ରକାଶକାଳ ୧୯୩୧ ଖ୍ରୀଷ୍ଟାବ୍ଦ ଏବଂ ଏହା ଚାରି ଅଙ୍କ ବିଶିଷ୍ଟ ନାଟକ ।

'କାଳି-ଦମନ' ଓ 'କାଳୀୟ ଦଳନ' ନାଟକର ବିଷୟବସ୍ତୁ ପୁରାଣରୁ ଗୃହୀତ। ଉଭୟ ନାଟକର ମୁଖ୍ୟ ଚରିତ୍ର ହେଉଛନ୍ତି ଶ୍ରୀକୃଷ୍ଣ, ଯଶୋଦା ଓ କାଳୀସର୍ପ। 'କାଳି-ଦମନ'ର ସହାୟକ ଚରିତ୍ରମାନେ ହେଲେ ନନ୍ଦ, ଗୋପବାଳକ, ବଳଭଦ୍ର, ନାଗନାରୀ ସବୁ ଓ ଗୋପ-ଗୋପୀ ସବୁ। ମାତ୍ର 'କାଳୀୟ ଦଳନ'ର ସହାୟକ ଚରିତ୍ରମାନେ ହେଲେ ଯଥା- ନନ୍ଦ, ବଳରାମ, ସଖାଗଣ, କଂସ, ମନ୍ତ୍ରୀ, ଉଗର, ଗୁରୁଡ଼, ନାଗସେନାଗଣ, ଗୋପକନ୍ୟାଗଣ, ନୀଳା, ସୁକେଶୀ, ରାଜଲକ୍ଷ୍ମୀ ଓ ନାଗବାଳାଗଣ। କାଳି-ଦମନରେ କାଳିସର୍ପ ହଜାରେ ଫଣାଯୁକ୍ତ ଥିବା ବେଳେ କାଳୀୟ ଦଳନରେ କାଳୀୟ ସାତ ଫଣାଯୁକ୍ତ ନାଗ। 'କାଳି-ଦମନ' ନାଟକଟି ଅଙ୍କିୟା ନାଟର ଗୁଣ ବୈଶିଷ୍ଟ୍ୟ ବହନ କରୁଥିବାରୁ ଏଥିରେ ସୂତ୍ରଧର ଚରିତ୍ରଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉଭୟ ନାଟକ ବର୍ଣ୍ଣନାଧର୍ମୀ ଓ ଗୀତ ପ୍ରୟୋଗରେ ଆଚ୍ଛାଦିତ ।

ବିଷୟବସ୍ତୁ ଦୃଷ୍ଟିରୁ ଉଭୟ ନାଟକରେ ଭକ୍ତି ରସ, କରୁଣ ରସ ଓ ଶାନ୍ତ ରସର ପ୍ରାବଲ୍ୟ ଦେଖାଯାଏ। କାଳି-ଦମନରେ 'କାଳି ଦମନ ଯାତ୍ରା' ଓ 'ବନାଗ୍ନି ପାନ' ଲୀଳାଯାତ୍ରା ବର୍ଣ୍ଣିତ ଥିବା ସ୍ଥଳେ କାଳୀୟ ଦଳନରେ କଂସର ପୂଜା ଆୟୋଜନରେ ଶହେଭାର ସଜପଦ୍ମ ତୋଳିବା ପାଇଁ ଶ୍ରୀକୃଷ୍ଣ କାଳୀୟ ହ୍ରଦରେ ପ୍ରବେଶ କଥା ବର୍ଣ୍ଣିତ। କାଳି-ଦମନରେ ଗୋପବାଳକ ଓ ଗାଈମାନେ କାଳିସର୍ପର ବିଷଜଳ ପିଇ ମୃତ୍ୟୁବରଣ କରିଥିବା ଅବସ୍ଥାରେ ଶ୍ରୀକୃଷ୍ଣଙ୍କର ଈଶ୍ୱରୀୟ କୃପାରୁ ଜୀଇଁଛନ୍ତି। ସେହିପରି 'କାଳୀୟ ଦଳନ'ରେ ଶ୍ରୀକୃଷ୍ଣ ସର୍ପ ଦଂଶନରେ ମୃତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିବାର ଦେଖି ବଳରାମ, ଗରୁଡ଼କୁ ସ୍ମରଣ କରିଛନ୍ତି ଓ ଗରୁଡ଼ ଆସି ଶ୍ରୀକୃଷ୍ଣଙ୍କୁ ଅମୃତ ଦାନ କରି ଚେତା ଫେରାଇ ଆଣିଛନ୍ତି ଏବଂ ସରୋବର ଜଳ ମଧ୍ୟ ଗରୁଡ଼ର ଅମୃତ ଦାନରୁ ବିଷମୁକ୍ତ ହୋଇଛି। କାଳି-ଦମନରେ ଶ୍ରୀକୃଷ୍ଣଙ୍କର ଈଶ୍ୱରୀୟ ଲୀଳାକୁ ଦର୍ଶାଇବା ପାଇଁ ଶ୍ରୀକୃଷ୍ଣ ପ୍ରବଳ ପ୍ରତାପୀ, ଅହଂକାରୀ, କାଳିସର୍ପର ଦର୍ପ ଚୂର୍ଣ୍ଣକରିବା ପାଇଁ କାଳୀୟହ୍ରଦରେ ଲୀଳା

କରିଛନ୍ତି ଏବଂ ଲୀଳା ପରେ କାଳିନାଗର ସ୍ତ୍ରୀ ଓ ନାଗକନ୍ୟାର ଅନୁରୋଧ କ୍ରମେ ଶ୍ରୀକୃଷ୍ଣ କାଳିସର୍ପକୁ ଜୀବଦାନ ଦେଇ ରମଣକ ଦ୍ୱୀପକୁ ସପରିବାର ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁକାଳୀୟ ଦଳନରେ ଶ୍ରୀକୃଷ୍ଣଙ୍କର ଐଶ୍ୱରୀୟରୂପକୁ ଦର୍ଶାଇବା ପାଇଁ ଅଜ୍ଞାନ କାଳୀୟ ନାଗ, ତା'ର କନ୍ୟା ନୀଳା ଓ ସ୍ତ୍ରୀ ରାଜଲକ୍ଷ୍ମୀ ମାଧ୍ୟମରେ ଈଶ୍ୱର ଭକ୍ତି ପ୍ରତି ସଚେତନ ହେବା ସହିତ କାଳୀୟନାଗ ଶହେଭାର ପଦ୍ମ ଆଣି ଶ୍ରୀକୃଷ୍ଣଙ୍କୁ ଦେଇଛି ଏବଂ କୃଷ୍ଣ କାଳୀୟ ମସ୍ତକରେ ଛିଡ଼ାହୋଇ ତାକୁ ମୁକ୍ତି ଦେଇଛନ୍ତି ।

ଶଙ୍କରଦେବଙ୍କ ଦ୍ୱାରା ରଚିତ ହୋଇଥିବା ପୌରାଣିକ ନାଟକ ସମୁହକୁ ଅଙ୍କିଆ ନାଟ ବୋଲି କୁହାଯାଏ। ଶଙ୍କରଦେବ କୃଷ୍ଣ ପ୍ରେମ ଭକ୍ତିର ମାହାତ୍ମ୍ୟ ବିଷୟରେ ଅବଗତ ହୋଇ ଜନସାଧାରଣଙ୍କୁ ଧର୍ମମୁଖୀ କରିବା ପାଇଁ ବ୍ରଜବୋଲି ଭାଷାରେ ନାଟକ ରଚନା କରିଥିଲେ। ଏଗୁଡ଼ିକୁ ମଞ୍ଚରେ ପରିବେଷଣ କରି ଜନସାଧାରଣଙ୍କୁ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମରେ ମନୋରଞ୍ଜନ ପ୍ରଦାନ କରିପାରୁଥିଲେ। ଶଙ୍କର ଦେବ ପ୍ରଥମ କରି ନାଟକ ପରିବେଷଣ ସମୟରେ ଗୀତ-ନୃତ୍ୟ-ବାଦ୍ୟର ବ୍ୟବହାର କରିଥିଲେ। ତାଙ୍କ ନାଟକ ସମୂହ ଅଭିନୟ ଦ୍ୱାରା ମଞ୍ଚସ୍ଥ ହେଲେ, 'ଭାଓନା' ନାମରେ ଅବିହିତ ହୁଏ। ତାଙ୍କ ନାଟ ସମୁହର ବିଷୟବସ୍ତୁ ପୁରାଣରୁ ଗୃହୀତ।

ଆଲୋଚ୍ୟ 'କାଳି-ଦମନ' ନାଟକଟିର ପ୍ରକାଶକାଳ ୧୪୯୦ ଖ୍ରୀଷ୍ଟାବ୍ଦ। ନାଟକଟି ଶ୍ଳୋକ, ଗୀତ ଓ ଚରିତ୍ରର ସମାହାର ହୋଇଛି। ନାଟକଟିର ମୁଖ୍ୟ ଚରିତ୍ର ଶ୍ରୀକୃଷ୍ଣ, ଯଶୋଦା ଓ କାଳି ସର୍ପ ଓ ସହାୟକ ଚରିତ୍ର ଗୋପବାଳକ, ବଳଭଦ୍ର ଓ ନାଗନାରୀ ସବୁ, ଗୋପ-ଗୋପୀ ସବୁ। ନାଟକର ସଂଳାପ କମ୍। ସୂତ୍ରଧରର ଭୂମିକା ଏହି ନଟକରେ ଗୁରୁତ୍ୱପୂର୍ଣ୍ଣ। ସୂତ୍ରଧରର ବ୍ୟାଖ୍ୟା ଆଉ ଗୀତ ପଦ ଦର୍ଶକଙ୍କୁ ପରିସ୍ଥିତି ଓ ଚରିତ୍ରର ଅବସ୍ଥା ବିଷୟରେ ସୂଚନା ଦେଇଥାଏ। ପରମ ପୁରୁଷ ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ଐଶ୍ୱରୀୟ ଲୀଳାକୁ ପ୍ରସ୍ଥାପନ କରିବା ପାଇଁ ନାଟକଟିରେ 'କାଳି ଦମନ ଯାତ୍ରା' ଓ 'ବନାଗ୍ନୀ ପାନ' ଲୀଳାଯାତ୍ରା ବର୍ଣ୍ଣିତ। ଏଥିରେ ଶ୍ରୀକୃଷ୍ଣଙ୍କର 'ଈଶ୍ୱର ଚେଷ୍ଟା'(ଐଶ୍ୱରୀୟ ରୂପ) ଆଉ 'ମନୁଷ୍ୟ-ଚେଷ୍ଟା' (ମାନବୀୟ ରୂପ)ର ସମୁଜ୍ଜଳ ହୋଇଉଠିଛି। ନାଟକରେ ବର୍ଣ୍ଣିତ ଅଛି - ଦିନେ ଶ୍ରୀକୃଷ୍ଣ, ଗୋପ ବାଳକଙ୍କ ସହିତ ଜମୁନାତୀରରେ ଥିବା ଜଙ୍ଗଲରେ ଗୋରୁ ଚରାଉଥିବା ସମୟରେ ତୃଷ୍ଣା ଲାଗିବାରୁ ଗୋପବାଳକ ଏବଂ ଗୋରୁମାନେ କାଳି ହ୍ରଦରେ ପାଣି ପିଇଲେ। କିନ୍ତୁ ପାଣିରେ କାଳିନାଗର ବିଷ ମିଶିଥିବାରୁ ସେହି ପାଣି ପିଇ ସମସ୍ତଙ୍କର ମୃତ୍ୟୁ ହେଲା। ଶ୍ରୀକୃଷ୍ଣ ତାଙ୍କର ସମସ୍ତ ବନ୍ଧୁଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଲେ ଓ ସମସ୍ତଙ୍କୁ ତାଙ୍କର ଐଶ୍ୱରୀୟ ଗୁଣ ଫଳରେ ଜୀବନ ଦାନ ଦେଲେ। ଜୀବନ ଦାନ ପାଇ ବାଳକ ସବୁ କହିଲେ ଯଥା- "ଆହେ ସ୍ୱାମୀ!ସେହି ବିଷ ପାଣି ପିଇ ପ୍ରାଣ ଗଲା, ଆମେ ତୁମର ପ୍ରସାଦରୁ ପୁନର୍ବାର ଜୀଇଁଲୁ। ତୋହରି ଚରଣ ସେବାକୁ ମହିମା କି କହିବ ସ୍ୱାମୀ।"(୧)

ଦୁର୍ଦ୍ଦନ୍ତ ବିଷ ବୀର୍ଯ୍ୟ ପ୍ରତାପ ପ୍ରଚଣ୍ଡ କାଳି ସର୍ପକୁ ଦମନକରି ତଡ଼ିବା ପାଇଁ ପୀତବସ୍ତ୍ର କଟିତ ଶ୍ରୀକୃଷ୍ଣ କଦମ୍ବ ବୃକ୍ଷରେ ଚଢ଼ି ବିଷମୟ କାଳିହ୍ରଦକୁ ଡେଇଁ ପଡ଼ିଲେ। ସେହି ଅନନ୍ତ-ବୀର୍ଯ୍ୟ ପ୍ରଚଣ୍ଡ ପ୍ରତାପକୁ ଶ୍ରୀକୃଷ୍ଣ ମାରିବା ପାଇଁ ହ୍ରଦକୁ ଉର୍ମି ଉଥାଳି ଆନ୍ଦୋଳିତ କରି ତା ସହିତ ମିଳିତ ହେଲେ। ଶ୍ରୀକୃଷ୍ଣ କୌତୁକରେ ଜଳ ମଝିରେ ଯାଇ କେଳି କଲେ, "ଆହେ ଦେଖହ, ଶୁଣହ, ନିରନ୍ତର ହରି ବୋଲ ହରି। ହ୍ରଦରେ କାଳିନାଗ କୃଷ୍ଣଙ୍କୁ ଚୋଟମାରି ଲାଞ୍ଜରେ ଗୁଡ଼ାଇ ଧରିଲା। ଶ୍ରୀକୃଷ୍ଣଙ୍କ ସର୍ପ ଦଂଶନରେ ମୃତ୍ୟୁ ହୋଇଛି ବୋଲି ଭାବି ଗୋପାଳ ସବୁ କନ୍ଦା-କଟା କରୁଥାନ୍ତି। ଏହି ସମୟରେ ନନ୍ଦ-ଯଶୋଦା କୃଷ୍ଣର ବିପଦ ଆଶଙ୍କା କରି ବଳରାମ ଆଉ ଗୋକୁଳବାସୀ ସକଳ ମିଶି କୃଷ୍ଣ ବିଚରା ପାଇଁ ଧାଇଁ ଆସିଲେ। କାଳି ହ୍ରଦର ପାଣିରେ ସାପର ବନ୍ଧନରେ କିଛିକ୍ଷଣ ପଡ଼ିଥିବା କୃଷ୍ଣଙ୍କୁ ଦେଖି ସେମାନେ ମୃତ୍ୟୁ ହୋଇଛି ବୋଲି କାନ୍ଦ ବୋବାଳି କଲେ। ପୁତ୍ରଶୋକରେ ମ୍ରିୟମାଣ ହୋଇଥିବା ଯଶୋଦାର କରୁଣ ଭାବାବେଗକୁ ପ୍ରକାଶ କରୁଛି। ଯଥା-

"ଓୟେ କ୍ରୁର ପାଣି ସର୍ପ, ପୁତ୍ରକ ପ୍ରାଣ ଲେଲି ।
ତାହାର ସଙ୍ଗେ ଆମକୁ ଦଂଶିମାର୍ ।"(୨)

ତା ପରେ ଯଶୋଦା କହେ କୃଷ୍ଣ ଶୋକରେ ପ୍ରାଣ ଧରି ପାରିବିନି ବୋଲି ଗୋପ-ଗୋପୀ ସହିତ ନନ୍ଦ-ଯଶୋଦା "ହା କୃଷ୍ଣ, ହା କୃଷ୍ଣ"- ବୋଲି ହ୍ରଦରେ ଡେଇଁବାକୁ ଯାଆନ୍ତି। ସେଠକୁ ଆସି ବଳରାମ ମା'ଙ୍କୁ ବାଧା ଦେଇ କହିଛି- "ଆହେ ପିତୃ-ମାତୃ, ଗୋପ-ଗୋପୀ ସବୁ! କି କରିବାକୁ ହେବ! ରୁହ ରୁହ କିଛୁ ଚିନ୍ତାନାହିଁ। ତୁମେ ସବୁ କିଛି ଜାଣ ନାହିଁ। ସେହି ଦୁଷ୍ଟ ସର୍ପକୁ ଦଣ୍ଡ ଦେବାକୁ ଏହି ପରା ଗଡ଼ା ଶ୍ରୀକୃଷ୍ଣ ଏହିକ୍ଷଣି ଆସିବ। ସବୁ ଲୀଳା କୌତୁକ ଦେଖିବ, ବଞ୍ଚିରୁହ ।"(୩) (ମନୁଷ୍ୟ-ଚେଷ୍ଟା) କୃଷ୍ଣର ମାନବୀୟ ଲୀଳାକୁ ଦର୍ଶାଇବାକୁ ଯାଇ ଗୋପାଳ ଶ୍ରୀକୃଷ୍ଣ କିଛି କ୍ଷଣ ସର୍ପର ବନ୍ଧନରେ ରହି ବାହାରକୁ ଆସିଲା। ସେହି ସମୟରେ ଗୋପ-ଗୋପୀଙ୍କର ପରମ ବିଷାଦ ଦୁଃଖ ଦେଖି ଶ୍ରୀକୃଷ୍ଣ ଆଘାତ କରି କାଳି ସର୍ପର ହଜାରେ ଫଣା ଉପରେ ଉଠି ନୃତ୍ୟ କରିବାରେ ଲାଗିଲା। ଫଳରେ କାଳି ସର୍ପର ଫଣା ଉପରେ ପାଦ ରଖି ଦମନ ସମୟରେ ନାକ-ମୁଖରୁ ତେଜ ଓଗ୍ଳାଇଲା, ଆଉ ଅଚେତନ ହୋଇ ପଡ଼ିଲା। ଏଥିରୁ କାଳି ନାଗର ଶାନ୍ତ ଅବସ୍ଥାକୁ ଲକ୍ଷ୍ୟ କରାଗଲା। କାଳି ନାଗର ମୃତ ପ୍ରାୟ ଅବସ୍ଥା ଦେଖି ନାଗପତ୍ନୀ ସମସ୍ତେ କୃଷ୍ଣ ସମ୍ମୁଖକୁ ଆସି ସ୍ୱାମୀର ଜୀବନ ଦାନ ପାଇଁ ପ୍ରାର୍ଥନା କଲେ ଏବଂ ଜୀବନ ଦାନ ପାଇଁ ସେହି ହ୍ରଦ ତ୍ୟାଗ କରି ରମଣକ ଦ୍ୱୀପକୁ ଯିବା ପାଇଁ ଶ୍ରୀକୃଷ୍ଣ ଆଦେଶ ଦେଲେ ।ଏହିପରି ଭାବରେ କାଳି ନାଗର ଦର୍ପ ଚୂର୍ଣ୍ଣ କରି କୃଷ୍ଣ ହ୍ରଦରୁ ଉପରକୁ ଉଠିଆସିଲେ ଓ କୃଷ୍ଣର ସଶରୀର ଦେଖି ସକଳେ ଆନନ୍ଦିତ ହେଲେ ।

ସେହିଦିନ ଅରଣ୍ୟରେ ବ୍ରଜବାସୀ ରାତି ହୋଇଯିବାରୁ ବୃନ୍ଦାବନରେ ରହିଗଲେ ଏବଂ ଶ୍ରୀକୃଷ୍ଣଙ୍କର କଥାମତେ ସକଳେ କ୍ଲାନ୍ତ ହୋଇ ନିଦ୍ରାରେ ଥିବା ସମୟରେ ମଝି ରାତ୍ରିରେ ବନାଗ୍ନୀ ଘେରିଗଲା। ତାହାର ପ୍ରଚଣ୍ଡ ଶବ୍ଦ ଶୁଣି ସମସ୍ତଙ୍କର ନିଦ୍ରାଭଙ୍ଗ ହେଲା, ଏହି ବିଷମୟ ହେବା ଅଗ୍ନିର ପ୍ରଚଣ୍ଡ ବହ୍ନି ମାଡ଼ିଗଲା। ଭୟପାଇ 'ତ୍ରାହି ତ୍ରାହି କୃଷ୍ଣ' କହି କୋଳାହଳ

କରିବାକୁ ଲାଗିଲେ। ଶେଷରେ ଶ୍ରୀକୃଷ୍ଣ ପ୍ରଚଣ୍ଡ ବନାଗ୍ନି ମୁଖରେ ପାନକରି ଭକ୍ତ ସକଳଙ୍କୁ ରକ୍ଷା କଲେ ।

ସେହିପରି ଜାତୀୟସଂଗୀତ 'ବନ୍ଦେ ଉତ୍କଳ ଜନନୀ'ର ଲେଖକ ଲକ୍ଷ୍ମୀକାନ୍ତ ମହାପାତ୍ର ୧୮୮୮-୧୯୫୩। ଜଣେ ପୌରାଣିକ ନାଟ୍ୟକାର ଭାବେ ସେ 'କର୍ଣ୍ଣ', 'ବଜ୍ର ବର୍ଜନ' ଓ 'କାଳୀୟ ଦଳନ' ନାଟକର ସ୍ରଷ୍ଟା। ବିଶେଷକରି 'କାଳୀୟ ଦଳନ' ନାଟକର ପ୍ରକାଶକାଳ ୧୯୩୧ ଖ୍ରୀଷ୍ଟାବ୍ଦରେ। ଏହା ଚାରି ଅଙ୍କ ବିଶିଷ୍ଟ। ଏହାର ମୁଖ୍ୟ ଚରିତ୍ର କୃଷ୍ଣ ଯଶୋଦା ଓ କାଳୀୟ ସର୍ପ ଏବଂ ସହାୟକ ଚରିତ୍ର ନନ୍ଦ, ବଳରାମ ସଖାଗଣ କଂସ, ମନ୍ତ୍ରୀ, ଡଗର, ଗୁରୁଡ଼, ନାଗସେନାଗଣ, ଗୋପକନ୍ୟାଗଣ, ନୀଳା, ସୁକେଶୀ, ରାଜଲକ୍ଷ୍ମୀ ଓ ନାଗବାଳାଗଣ। ନାଟ୍ୟକାର ମୁଖ୍ୟତଃ ଏହି ନାଟକ ମାଧ୍ୟମରେ କୃଷ୍ଣ ପ୍ରେମଭକ୍ତି ରସର ପ୍ରଚାର ପ୍ରସାର କରିଛନ୍ତି। ନାଟକର ମୁଖ୍ୟ ବିଷୟବସ୍ତୁ ପୂର୍ବରୁ ନାଟକରେ ବାଳକ କୃଷ୍ଣଠାରେ ଈଶ୍ୱରୀୟ ସତ୍ତାକୁ ଦର୍ଶାଇବାକୁ ଯାଇ ପୁତନା କଥା, ଗୋବର୍ଦ୍ଧନ ପର୍ବତକୁ ଟେକିବା, ପାଟି ମେଲାକରି ଚଉଦ ଭୁବନ ଦେଖାଇବା ଇତ୍ୟାଦି।

'କାଳୀୟ ଦଳନ' ନାଟକରେ ଶ୍ରୀକୃଷ୍ଣଙ୍କ ଈଶ୍ୱରୀୟ ଲୀଳାକୁ ଜୀବନ୍ତ ଭାବରେ ଦର୍ଶାଯାଇଛି। ଏଥିରେ କାଳୀୟ ସର୍ପ ସାତଫଣା ଯୁକ୍ତ। ତା'ର ସ୍ତ୍ରୀ ରାଜଲକ୍ଷ୍ମୀ ଓ ଝିଅ ନୀଳା। ମଥୁରା ରାଜା କଂସର ପୂଜା ଆୟୋଜନ ସକାଶେ ଶହେ ଭାର ସଜ ପଦ୍ମଫୁଲ କାଳୀୟ ହ୍ରଦରୁ ତୋଳିଆଣି ଛାମୁଙ୍କୁ ଦେବା ପାଇଁ ଗୋପ ପତି ନନ୍ଦରାଜା ପାଖକୁ ଦୂତ ଓ ଡଗର ମାଧ୍ୟମରେ ଖବର ଆସିଛି। ଯଦି କାଲି ପ୍ରଭାତରେ ଫୁଲତୋଳି ଦିଆନଯାଏ ତେବେ ରାଜଦଣ୍ଡ ସ୍ୱରୂପ ସର୍ବଂଶ ବିନାଶ କରାଯିବାର ଧମକ ଦିଆଯାଇଛି। ଏକଥା ଶୁଣି କୃଷ୍ଣ କାଳୀୟ ହ୍ରଦକୁ ପଶି ପଦ୍ମ ଆଣିବାକୁ ଦୃଢ଼ ମନସ୍ଥ କରିଛି।

ବାଳକ କୃଷ୍ଣଙ୍କ ପାଖରେ ଈଶ୍ୱରୀୟ ସତ୍ତା ଥିଲେ ମଧ୍ୟ ଯଶୋଦାଙ୍କ ଦୃଷ୍ଟିରେ କହ୍ନେଇ ଗୋଠରେ ଗାଈ ଜଗେ, ଶିକାରେ ଚଢ଼ି ଠେକି ମାଠିଆ ଭାଙ୍ଗେ, ଏହାଛଡ଼ା ମୁଁ ଆଉ କିଛି ଜାଣେ ନାହିଁ। ଆଉ ଏତିକି ଜାଣେ ଯେ ତାକୁ ଦଣ୍ଡେ ନଦେଖିଲେ ମୋତେ ସଂସାରଟାଯାକ ଅନ୍ଧ ଦିଶେ। ଏଠାରେ ଯଶୋଦାଙ୍କର କହ୍ନେଇ ମାନବୀୟ ରୂପରେ ପ୍ରତିଭାତ। ମୃତ୍ୟୁଦଣ୍ଡ କଥା ଚିନ୍ତା କରୁ କରୁ ପୁତ୍ର ସ୍ନେହରେ ଅନ୍ଧ ଗୋପାଳ ଦମ୍ପତିଙ୍କୁ ଆଶ୍ୱାସନା ଦେଇ କୃଷ୍ଣ କହିଛନ୍ତି –

"ବନ୍ଧୁ ପ୍ରୟୋଜନ କାଳେ ବନ୍ଧୁର ସାହଯ୍ୟ / ଗୃହସ୍ଥର କର୍ତ୍ତବ୍ୟ ନିଶ୍ଚୟ:/ ନ ହୁଅ କାତର ପିତ, ନକର ଭାବନା,

ସାମାନ୍ୟ ଏକଥା ଲାଗି ।/ ନିତି ନିତି ସଖାମେଳେ ଚରାଉ ଗୋଧନ/ ବୃନ୍ଦାବନେ ଯମୁନା ପୁଲିନେ;/ ନିତି ନିତ ପଦ୍ମ ପୁଷ୍ପ ତୋଳି ଭାର ଭାର/ ସଜାଉଁ ଗୋଧନଗଣ, ଖେଳୁଁ କେତେ ଖେଳ ।/ କର ଅନୁମତି ମୋତେ,/ ଶତ ଭାର ଶତଦଳ ତୋଳି ଅବହେଳେ/ ଆଣିବି ନିଶ୍ଚୟ/ ପିତଃ ଚିନ୍ତାକର ଦୂର ।"(୪)

ନନ୍ଦ ଯଶୋଦାଙ୍କର ବହୁ ବାରଣ ସତ୍ତ୍ୱେ କୃଷ୍ଣ ନିଜର ଐଶ୍ୱରୀୟ ଲୀଳାକୁ ପ୍ରଦର୍ଶନ କରିବା ପାଇଁ ଯାଇ କହିଛନ୍ତି – "ପୁତ୍ର ସ୍ନେହ ମୋହେ ଅନ୍ଧ ଗୋପାଳ ଦମ୍ପତି/ ମଣୁଛି, ରଖିଛ ବାନ୍ଧି ସ୍ନେହମାୟା ଡ଼ୋରେ/ ସାରା ବିଶ୍ୱ ଆବୃତ୍ତ ଯା ମାୟାର ପ୍ରଭାବେ!/ ଲୀଳାହିଁ ଉଦ୍ଦେଶ୍ୟ ମୋର, ଲୀଳା ମାତ୍ର ସାର/ ଏକା ଲୀଳା ହେତୁ ମୋର ମର୍ତ୍ତ୍ୟେ ଆଗମନ;/ ଦେଖ ଦେଖ ବାରେ ମାତ୍ର ଜ୍ଞାନ ଚକ୍ଷୁ ଫେଇ/ ଅନନ୍ତ କୌଶଳ ମୋର, ଅଭେଦ୍ୟ ରହସ୍ୟ;/ ପୁତ୍ରଧର ରୂପେ ମୁହିଁ ଚଳାଏ ଜଗତ।"(୫)

ଯଶୋଦା ପୁତ୍ର ବାତ୍ସଲ୍ୟ ବିମୁଗ୍ଧା ନାରୀ ହୋଇଥିବାରୁ କୃଷ୍ଣ ପଛେ ପଛେ ଯାଇ କାଳିନ୍ଦୀ ହ୍ରଦକୁ ନଯାଇ ଫେରିଆସିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ଶେଷରେ ନିରୂପାୟ ହୋଇ ଯଶୋଦା ଅଧା ରାସ୍ତାରୁ ଫେରିଆସିଛନ୍ତି। ବୃନ୍ଦାବନର ଗହଳ ବନରେ ସୁଦାମାର ବଉଳୀଗାଈ ହଜିଯିବାରୁ, ସୁଦାମା କାନ୍ଦୁଥିବା ଅବସ୍ଥାରେ ସୁବଳ, କୃଷ୍ଣ, ବଳରାମ, ଅର୍ଜୁନ ଉପସ୍ଥିତ ହେଲେ। ସମସ୍ତେ ବହୁ ଖୋଜାଖୋଜି କରି ବଉଳୀ ନମିଳିବାରୁ କୃଷ୍ଣର ସନ୍ଦେହ ବଢ଼ିଯାଇ କହିଛି - "କାହିଁକି ଏତେ କଷ୍ଟ କରିବ ମ? ମୁଁ କହୁଛି ଇଏ ସେହି ବର୍ବର ନାଗଙ୍କ କାମ। ଏ ବଣରେ ନାଗଙ୍କ ପ୍ରତାପ ବଡ଼ ବେଶି। ଯେତେ ଗାଈ ବାଛୁରୀ ହଜୁଛନ୍ତି, ସବୁ ସେହି ଚୋରିକରି ନେଉଛନ୍ତି ।"

ଏହି କାମ ସବୁ କାଳୀୟ ସର୍ପର। ସେହି କାଳୀୟ ନାଗର ସାତଟି ମୁଣ୍ଡ! ସେହି ଦୁଷ୍ଟ ପରା ନାଗଙ୍କ ରଜା। ଆଜି ଶହେ ଭାର ପଦ୍ମ ତୋଳି ନଦେଲେ କଂସ ସବଂଶ ନାଶ କରିବ, ତେଣୁ କୃଷ୍ଣ ସହିତ ଅନ୍ୟ ସାଙ୍ଗମାନେ କାଳୀ ହ୍ରଦରେ ପଶି ପଦ୍ମବନ ଭାଙ୍ଗିଲେ। ଏହି ସମୟରେ ସକଳେ ମିଶି ଖୁସିରେ ଗୀତ ଗାଇଛନ୍ତି – "ତୋଳିବା କମଳ ଆଜି ରାଶି ରାଶି।/ ସରସେ, ହରଶେ ଫୁଲ ଦଳ ପରଶେ,/ ଢେଉ ସନେ ଖେଳିଯିବା ନୀଳ ଜଳେ ଭାସି ଭାସି।/ କାଳୀ ସରୋବରେ ଖେଳେ କେତେ ଚାରୁ ଲହରୀ,/ ସଖା ସନେ ସୁଖ ମନେ ପହଁରି ପହଁରି,/ ରଙ୍ଗେ ରଙ୍ଗେ, ଫୁଲ ତୋଳି ଆଣିବା,/ ଜଗୁଆଳି ନାଗଗଣେ ଗୋଟି ଗୋଟି ନାଶି ନାଶି।"(୬)

ଏହି ସମୟରେ ନାଗସେନାମାନେ ଯଥା– ୧ମ, ୨ୟ, ୩ୟ, ୪ୟ ପ୍ରବିଷ୍ଟ ହୋଇ ହୁସିଆର ଭାଇ ଜଙ୍ଗିଜବାନ୍, ଖବରଦାର କହି ନିଜେ ନିଜେ ତରବାରୀ ଓ ବିଷ ଭୟ ଦେଖାଉଛନ୍ତି। କାଳୀୟ ନାଗ ଆସି ନାଗଗଣକୁ ସାବଧାନ କରାଇ କହିଛନ୍ତି – "ନାଗ ସେନାଗଣ,/ ସାବଧାନେ କର ରକ୍ଷା କମଳ କାନନ;/ ଅରାତି ଅଭେଦ୍ୟ ଏହି କାଳୀୟ ସାଗର,/ ଅବିଚ୍ଛିନ୍ନ ଆଧିପତ୍ୟ ଆମ୍ଭର ଏଥିରେ,/ ନଦେବ କାହାକୁ ଯେହ୍ନେ ତ୍ରିସୀମା ପରଶି।/ ପ୍ରାଣ ପଣେ ଜଗିଥିବ ଜାତିର ଗୌରବ।"(୭)

ନାଗଗଣଙ୍କ ମଧ୍ୟରୁ ପ୍ରଥମ ନାଗ ଓ ଦ୍ୱିତୀୟ ନାଗ ନଗେନ୍ଦ୍ର ମହାରାଜଙ୍କୁ (କାଳୀୟ) ଗୋପବାସୀଙ୍କ ଗୋ-ପାଳକ ଶିଶୁଗଣ ନିତ୍ୟ ନିତ୍ୟ ଅସୀମ ସାହାସରେ ପବିତ୍ର ଏ ନାଗ ସରୋବରରେ ପଶୁଛନ୍ତି ବୋଲି ଜଣାଇଛନ୍ତି। ତାଙ୍କ ମଧ୍ୟରୁ କଳା ବାଳକଟି ଏକାକୀ ସ୍ୱଚ୍ଛ ନୀରକୁ ଆବିଳ କରୁଛି ଏବଂ କମଳବନ ମନ୍ଥି ପକାଉଛି। କାଳୀୟ ନାଗ ବାଳକ ଉପରେ ରାଗିଯାଇ କହିଛି – "ତୁମେ ସବୁ ସ୍ଥିର ହୁଅ ସ୍ଥିର ହୁଅ-/ ଶୃଗାଳ କରଇ ନୃତ୍ୟ ସିଂହ ଅନ୍ତପୁରେ,/ ଉଠ ଉଠ, ଜାଗ ଜାଗ ନାଗ ପୁତ୍ରଗଣ।/ ଅବିଳମ୍ବେ ଶତ୍ରୁକୁଳ ବିନାଶି ନିର୍ମୂଳେ,/ ଅରାତି ହୃଦୟ ରକ୍ତେ ମେଣ୍ଟାଅ ପିପାସା,/ କର ପ୍ରାଣପଣ।"(୮)

ନାଗଗଣ ଗୋପ ବାଳକ, କୃଷ୍ଣ ଓ ଗାଈମାନଙ୍କର ବିପଦ କଥା ଚିନ୍ତା କରୁଥିବା ସମୟରେ କାଳୀୟର କନ୍ୟା ନୀଳା ଓ ସଖୀ ସୁକେଶୀର ଆଗମନ। ସୁକେଶୀ ନୀଳାକୁ କୃଷ୍ଣର ପରିଚୟ ଦେବାକୁ ଯାଇ କହିଛନ୍ତି - "ନନ୍ଦ ତନୁଜ କାଳିଆ, ବାଙ୍କ ଚାହାଣୀ ଚାହିଁ, ବଇଁଶି ବଜାଇ ନବ ଯୁବତୀମାନଙ୍କୁ ବସ କରେ। ଏହି ମୋହନ ମୁରତି ନୀଳାର ଚିତ୍ତରେ ପ୍ରୀତି ଜାଗରିତ କରିଛି।"

ମଣିଷ ନହେଲେ ମଧ ମଣିଷ ପରି ବଂଶୀ ବାଦକ କୃଷ୍ଣ ପ୍ରୀତିକୁ ଭୁଲି ପାରୁନାହିଁ ନୀଳା। ସେ ବିପଦ ଶଙ୍କୁଳ କାଳୀୟ ହ୍ରଦକୁ ଯାଇଛି। କାଳୀୟନାଗର ବିଷ ଜ୍ୱାଳାରେ ପଦ୍ମବନ ଜଳିଗଲା, ଜଳେ ସ୍ଥଳେ ଆକାଶେ ଚାରିଆଡ଼େ ଅଗ୍ନିରେ ବିଚ୍ଛୁରିତ ହୋଇଗଲା। ଏହି ସମୟରେ ନନ୍ଦ-ଯଶୋଦା ପୁତ୍ରର ବିପଦ କଥା ଆଶଙ୍କା କରିଛନ୍ତି ଏବଂ କଂସ ପ୍ରତି ଯଶୋଦା ଉତକ୍ଷିପ୍ତ ହୋଇ ପୁତ୍ର ସହିତ ଗୋପପୁର ଛାଡ଼ି ବନ ଭିତରକୁ ଚାଲିଯିବା ପାଇଁ ଯୋଜନା କରିଛନ୍ତି। ଏପଟେ ସଖୀ ସୁକେଶୀ ନୀଳାକୁ ଖୋଜି ଖୋଜି ନପାଇ ପୀରତିଧର୍ମୀ ଗୀତ ଗାଇଛି। ଯଥା –"କାହିଁ ସେ ପୀରତି ଯହୁଁ ସୁଧା ଝରେ ନିରତେ।/ ଯେଉଁ ପ୍ରୀତି ଲାଗି ରବି, ଚନ୍ଦ୍ର, ତାରା,/ ଭ୍ରମୁଛନ୍ତି ଦିବା ନିଶି ମତୁଆରା,/ ଯେଉଁ ପ୍ରୀତି ଲାଗି ଉଚ୍ଛୁଳେ ସାଗର,/ ଝରିପଡ଼େ ଘନ ମରତେ।"(୯)

ହଠାତ୍ ନୀଳା ଦେଖିଛି 'ସେହି ସରୋବର ମଝିରେ ନୀଳକମଳଟିଏ ଭାସୁଛି, ବିଷଜ୍ୱାଳାରେ ମଉଳି ପଡ଼ିଛି! ଆହା ସେ କେତେ ସୁନ୍ଦର ସୁକେଶୀ ।'(ପୃଷ୍ଠା-୩୭) ଦୁଇଜଣ ମିଶି ବିଳମ୍ବ ନକରି ତାଙ୍କୁ ଜମୁନା ତୀରରେ ରଖି ସେବାକଲେ। ୧ମ ନାଗ ମାଧ୍ୟମରେ ନୀଳା ଗୋପପୁରକୁ ସମ୍ବାଦ ଦେଲେ ଯେ ନନ୍ଦରାଜାଙ୍କର ପୁଅକୁ କାଳି ଦଂଶିଛି ଏବଂ ନିଜକୁ ଅଭାଗିନୀ, ପାପିଷ୍ଠ ଓ ଚରଣ ସେବାରେ ଅଯୋଗ୍ୟ ମଣିଛି। କାରଣ କଳାମାଣିକ ଆଖିଖୋଲି ତାଙ୍କ ଆଡ଼କୁ ଚାହିଁନାହାନ୍ତି। କାଳୀୟ ନାଗ, ନୀଳାର ଏସବୁ କୌଶଳ ଜାଣିପାରି କଳଙ୍କିନୀ ବୋଲି ଆଖ୍ୟା ଦେଇଛି। ନୀଳା ନିଜର ନାରୀଧର୍ମକୁ ପ୍ରତିଷ୍ଠା କରିବା ପାଇଁ ଶତ୍ରୁ ମିତ୍ର ନମଣି ଜନନୀ ଓ ଭଗ୍ନୀ ରୂପରେ କୃଷ୍ଣର ସେବା କରିଛି। ଏଥିରେ ଉତକ୍ଷିପ୍ତ ହୋଇ ପିତା ନୀଳାକୁ କ୍ଷମା ନଦେଇ ବିଶ୍ୱାସ ଘାତିକା ନାରୀ ରୂପରେ ଦେଖିଛି। ଶେଷରେ ନୀଳା କାତର ହୋଇ ସୁକେଶୀକୁ କହିଛି- "ହେ ଅନ୍ତର୍ଯ୍ୟାମୀ ମୋର ମୁଗ୍ଧ ପିତାଙ୍କ ସୁମତି ପ୍ରଦାନ କର - ଦର୍ପାନ୍ଧ ନାଗ ରାଜାର ଜ୍ଞାନଚକ୍ଷୁ ଉନ୍ମିଳିତ କର। ହେ କୃପାନିଧି ଏ ଦାସୀର କାତର ପ୍ରାର୍ଥନା କି ଶୁଣିବ ନାହିଁ ନାଥ?" ହଠାତ୍ ଏହି ସମୟରେ ନନ୍ଦ-ଯଶୋଦା କାଳୀୟ ହ୍ରଦରେ ପହଁଞ୍ଚି ମୃତ ପ୍ରାୟ ପୁତ୍ରକୁ ଦେଖି କାହିଁ, କାହିଁ ମୋ ଦୁଃଖୀଧନ କାହିଁ? ଦୁଃଖରେ ଅଧର୍ଯ୍ୟ ହୋଇ ଯଶୋଦା ଭାଙ୍ଗି ପଡ଼ିଛନ୍ତି ଏ ଅବସ୍ଥାରେ। ସଖାମାନେ ଓ ଗୋପୀକନ୍ୟାମାନେ ଆସି କୃଷ୍ଣଙ୍କୁ ଉଠାଇବା ପାଇଁ ବହୁତ ଚେଷ୍ଟା କରି ବିଫଳ ହୋଇଛନ୍ତି। ଶେଷରେ ପୁତ୍ରକଥା ଭାବି ଭାବି ଯଶୋଦା ମୁର୍ଚ୍ଛିତ ହୋଇଛନ୍ତି। ଏ ଅବସ୍ଥାରେ ବଳରାମ ଆସି କାଳୀୟ ହ୍ରଦରେ ପହଞ୍ଚିଛନ୍ତି ଓ କୃଷ୍ଣକୁ ଦେଖି କହିଛନ୍ତି – "କୃଷ୍ଣର କୋମଳ ଅଙ୍ଗେ କେ କଲା ଆଘାତ,/ କହ ତାତ, କାହିଁଗଲା ଦୃଷ୍ଟ ନାଗରାଜ!/ ଆରେ ଆରେ ଦୁର୍ବୃତ୍ତ ପଶାଚ,/ ସବଂଶେ ପେଶିବି ତୋତେ ସମନ ସଦନେ,/ ମୂଷଳର ପ୍ରଚଣ୍ଡ ପ୍ରହାରେ;/ ଉପାଡ଼ି ଲଙ୍ଗଳ ମୁନେ ତୋର ବାସସ୍ଥଳୀ/ ଭସାଇବି ଯମୁନା ତରଙ୍ଗେ ।/ କେକରିବ ରକ୍ଷା ଏବେ କିଏ ଅଛି ତୋର,/ ରାମ କୋପେ ନାହିଁଟି ନିସ୍ତାର ।"(୧୦)

ଏହି ସମୟରେ ବଳରାମଙ୍କୁ ଶୂନ୍ୟବାଣୀ ହେଲା ଗରୁଡ଼ଙ୍କୁ ସ୍ମରଣ କରିବାକୁ। ଗରୁଡ଼ ଆସି କାଳୀୟ ନାଗର ଦଂଶନରେ ମୂର୍ଚ୍ଛାଗତ କୃଷ୍ଣଙ୍କ ମୁଖରେ ଅମୃତ ଦେଇ ସଂଜ୍ଞାଲାଭ କରାଇଲା। ବଳରାମ ପକ୍ଷୀରାଜଙ୍କୁ ଧନ୍ୟବାଦ ଜଣାଇ କାଳୀୟର କୌଣସି ଅନିଷ୍ଟ ନକରି ଏଠାରୁ ସ୍ୱ-ସ୍ଥାନକୁ ଯିବାକୁ ଆଦେଶ ଦେଇଛନ୍ତି। ଆଉ ଗୋଟିଏ କଥା ଏହି କାଳି ହ୍ରଦର ଜଳ ବିଷାକ୍ତ ହୋଇଥିବାରୁ ଅମୃତ ସଂଯୋଗ କରି ବିଷ ହରଣ କର ଏବଂ ଆଜିଠାରୁ ଏହା ପବିତ୍ର ତୀର୍ଥରୂପେ ପରିଣତ ହେବ। ଏହି ଆଜ୍ଞା ପାଳନ କଲେ ଗରୁଡ଼ ।

ନାଗକନ୍ୟା ସହ ସନ୍ତରଣ କରୁଥିବା ସମୟରେ କାଳୀୟ ନାଗ ଆସି ନୀଳାର ହସ୍ତ ଧରି କହିଲେ ନୀଳା, ରାକ୍ଷାସୀ, ତୋହରି ଲାଗି ଆଜି ନାଗପୁର ଏ ଲାଂଛନା। ତୋହରି ମନ୍ତ୍ରଣାରେ ଗରୁଡ଼ ଆସି ମୃତ ଶତ୍ରୁଙ୍କୁ ପ୍ରାଣଦାନ କରିଛି। ନାଗବଂଶ ଧ୍ୱଂସ କରିବାକୁ ତୁ ବସିଛୁ,ଅନେକ ସହ୍ୟ କଲିଣି, ଆଉ ଧର୍ଯ୍ୟର ସୀମା ଅଛି! ମୁଁ ପିତା ନୁହେଁ- ପିସାଚ। ତୁ ଆଜି ପିତୃସ୍ନେହରେ ଜଳାଞ୍ଜଳି ଦେଇ ସେହି ପ୍ରୀତି ମସ୍ତକରେ ପାଦ ଦେଇଥିବାରୁ ଏହି ଅବମାନନାର ପ୍ରତିଶୋଧ ନେବି। ଏପରି କହୁଥିବା ସମୟରେ ସ୍ତ୍ରୀ ରାଜଲକ୍ଷ୍ମୀ ପହଁଚି ସ୍ୱାମୀ କାଳୀୟନାଗକୁ କହିଲେ – "ଆରେ ଆରେ ମଦାନ୍ଧ ବର୍ବର, ଏହିକି ତୋ ରାଜଧର୍ମ! ଏଥିପାଇଁ କରୁ ଏତେ ଆତ୍ମଅହଂକାର। ରେ ଅଧମ, ନାଗକୁଳ ରାଜଲକ୍ଷ୍ମୀ ମୁହିଁ, ଆସିଅଛି ତୋହଠାରେ ଦେଖି ଅମଙ୍ଗଳ, ରେ  ରେ ଦୃପ୍ତନାଗ ଘେନ ଘେନ ମୋର ଉପଦେଶ, ଦୃଷ୍ଟ ବୁଦ୍ଧି ବସେ, ଆପଣାର ସର୍ବନାଶ ନକର ବରଣ। କାଳୀୟ ବହୁ ଉପଦେଶ ପାଇବା ପରେ ସେହି ନନ୍ଦନନ୍ଦନ ଜନାର୍ଦ୍ଦନକୁ ବୁଝିବାକୁ ଚେଷ୍ଟା କରିଛି। ତା ବିଷୟରେ କନ୍ୟା ନୀଳା ପାଖରୁ ସବୁ ଶୁଣିଛି ଯେ, ପକ୍ଷୀରାଜ ଗରୁଡ଼ ହେଉଛି ତାଙ୍କର ବାହାନ। ଆମ୍ଭେମାନେ ଜୀବ ସେହି ଏକା ପରମାତ୍ମା। ଜୀବର ଅଚିନ୍ତ୍ୟ, ଅଭେଦ ସମ୍ବନ୍ଧ। ଜୀବ ଦାସ ସେ ହିଁ ପ୍ରଭୁ। ଜୀବ ପ୍ରକୃତି ସେ ହିଁ ପୁରୁଷ। ସେ ଯେ ଜଗତର ସ୍ୱାମୀ, ପିତା। ନୀଳା କହିଛି ପିତା ତୁମେ କାତର ନହୋଇ ଶତଭାର ପଦ୍ମ ତୋଳି ତାଙ୍କରି ଶ୍ରୀଚରଣ ତଳେ ଅର୍ପଣ କରି କ୍ଷମାଭିକ୍ଷା କର ।"

ନାଟକର ଚତୁର୍ଥ ଅଙ୍କର ତୃତୀୟ ଦୃଶ୍ୟରେ କଳାମାଣିକ ଉଠି ବସିଥିବା ପ୍ରଥମେ ଯଶୋଦା ଦେଖିଛନ୍ତି। କାଳୀୟ ହ୍ରଦରେ ଘଟିଥିବା ସମସ୍ତ କଥା ପିତାମାତାଙ୍କୁ ଅବଗତ କରାଇଛନ୍ତି ଓ ବଳରାମ ପାଖରୁ ଶୁଣିଛନ୍ତି ତାଙ୍କୁ ଗରୁଡ଼ ଆସି ଅମୃତ ଦେଇ ମୂର୍ଚ୍ଛା ଭାଙ୍ଗିଛନ୍ତି। କୃଷ୍ଣ ଏତେ କଥା ଶୁଣିବା ପରେ ସେଇ ଅଖଣ୍ଡ ପ୍ରତାପର ଗର୍ବ ଚୂର୍ଣ୍ଣ କରିବା ପାଇଁ ବାହାରିଲେ ଓ ନିଜର ସୁଦର୍ଶନ ପେଶି ନିକ୍ଷେପିତ କରିବା କଥା କହିଲେ। ଏହି ସମୟରେ କାଳୀୟ ତା' କନ୍ୟା ନୀଳାର

ହାତଧରି ପ୍ରଭୁଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। କର ଯୋଡ଼ି କହିଲେ- "ଚକ୍ରଧର,/ କ୍ରୋଧାନଳ ସଂହର, ସଂହର/ ଇଚ୍ଛା ମାତ୍ରେ ଯାର,/ କୋଟି ବିଶ୍ୱ ହୋଇପାରେ କ୍ଷଣେ ଭସ୍ମୀଭୂତ,/ ତୋହ ପଦ ପୂଜା ପାଇଁ ଏହି ପୁଷ୍ପବନ ।/ ଶତଭାର ସଜ ପୁଷ୍ପ ଆଣିଅଛି ଦାସ,/ ଭେଟିବାକୁ ତୋହ ଶନିଧାନେ ।/ କମଳା ସେବିତ ସେହି କୋମଳ ଚରଣେ,/ କରିଛି ଅଜ୍ଞାନେ ଦୋଷ; ହୃଷୀକେଶ,/ କାଳୀନାଗ ଶତ ଅପରାଧୀ,/ କୃପାନିଧି -କୃପାକର ବାରେ।"(୧୧)

କୃଷ୍ଣ ନିଜ ଭକ୍ତର କାତର ପ୍ରାର୍ଥନା ରକ୍ଷା କରିବାକୁ ଯାଇ କାଳୀୟର ଗର୍ବଗଞ୍ଜନ କରିଛି କାଳୀୟ ମସ୍ତକରେ ଛିଡ଼ାହୋଇ। ଶେଷରେ କାଳୀୟ ଅନୁରୋଧ କରିଛି ତା'ର କନ୍ୟାକୁ ଚରଣ କିଙ୍କର ରୂପେ ଶ୍ରୀକୃଷ୍ଣ ଗ୍ରହଣ କଲେ ପୁର୍ଣ୍ଣହେବ ମୋର ତପସ୍ୟା।

ଏହିପରି ଭାବରେ ଉଭୟ ନାଟ୍ୟକାରମାନଙ୍କର ନାଟ୍ୟକୃତିଗୁଡ଼ିକରେ କୃଷ୍ଣ ପ୍ରେମଭକ୍ତି ଉପରେ ଗୁରୁତ୍ୱ ଦିଆଯାଇ ସାମାଜିକ ଜୀବନରେ ଭକ୍ତି ଭାବର ପ୍ରଚାର ପ୍ରସାର କରାଯାଇଛି ।

ପ୍ରାନ୍ତଟୀକା :

୧. ମଜୁମଦାର, ତିଳକ ଚନ୍ଦ୍ର (ସଂ)। କାଳି-ଦମନ ନାଟ (ସଂ)। ମୁଛନ୍ଦା ପ୍ରେଛ, ନଗାଁଓ। ପୃଷ୍ଠା-୦୮ ।
୨. ତତ୍ରୈବ । ପୃଷ୍ଠା-୧୪।
୩. ତତ୍ରୈବ । ପୃଷ୍ଠା-୧୫।
୪. ମହାପାତ୍ର ଲକ୍ଷ୍ମୀକାନ୍ତ । କାଳୀୟ ଦଳନ । ପ୍ରଥମ ସଂସ୍କରଣ ଗୋପୀନାଥ ପ୍ରେସ୍, ଭଦ୍ରକ । ୧୯୩୧ । ପୃଷ୍ଠା-୧୧।
୫. ତତ୍ରୈବ । ପୃଷ୍ଠା- ୧୧-୧୨।
୬. ତତ୍ରୈବ । ପୃଷ୍ଠା-୧୬।
୭. ତତ୍ରୈବ । ପୃଷ୍ଠା-୧୮।
୮. ତତ୍ରୈବ । ପୃଷ୍ଠା-୧୯-୨୦।
୯. ତତ୍ରୈବ । ପୃଷ୍ଠା-୩୫।
୧୦. ତତ୍ରୈବ । ପୃଷ୍ଠା-୪୫-୪୬।
୧୧. ତତ୍ରୈବ । ପୃଷ୍ଠା-୫୩-୫୪।

## Funding

No funding was received for conducting this study.

## Does this article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this article.

## About the Licenses

© Dr. Pramila Patulia 2024. The text of this article is open access and licensed under a Creative Commons Attribution 4.0 International License

## Cite this Article :

Dr. Pramila Patulia, 'Kali-damana' nata o 'kaliya dalana' natakara tulanaatmaka bichara, Bageesha, Vol. No. 02, Issue No. 04, July - August 2024, Article No: BM2024/04-A001, Page- 8-12